**DAV PUBLIC SCHOOLS, ODISHA** **SET–1**

**PRE–BOARD EXAMINATION**
**(2023-24)**

- Please check that this question paper contains 4 printed pages.
- Check that this question paper contains 14 questions.
- Write down the Serial Number of the question in the left side of the margin before attempting it.
- 15 minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

**CLASS –X**
**SUB: ODIA (013)**

**Time Allowed: 3 Hours** **Maximum Marks: 80**

**SECTION - A**

**1. ନିମ୍ନ ଅନୁଚ୍ଛେଦଟି ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** (5x2=10)

ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ପରର ନିନ୍ଦାଗାନ କରିବାକୁ ଭଲପାଆନ୍ତି। ପରର କୁତ୍ସାରଟନା କରିବାକୁ ସେମାନେ ତିଳେ ହେଲେ ସଙ୍କୋଚ ପ୍ରକାଶ କରନ୍ତି ନାହିଁ। ବୁଲି ବୁଲି କେବଳ ନିନ୍ଦାଗାନ କରିବା ସେମାନଙ୍କର ଧର୍ମ। ଯାହାର ନିନ୍ଦା କରାଯାଏ, ସ୍ଥଳ ବିଶେଷରେ ତା'ର କିଛି କ୍ଷତି ହୁଏ ସତ୍ୟ, କିନ୍ତୁ ତା' ଠାରୁ ବେଶୀ କ୍ଷତି ହୁଏ ନିନ୍ଦୁକର। କାରଣ ଏ ଧରଣର ବ୍ୟକ୍ତି ଆପଣା ଦୋଷ ଦେଖିବା ବା ବିଚାର ବୁଦ୍ଧିର ଉପଯୁକ୍ତ ପ୍ରୟୋଗ କ୍ଷମତା ହରାଇଥାନ୍ତି। ପରର ନିନ୍ଦା ଗାନ କରିବା, ଦୋଷ ଦେଖିବା ଯେତେବେଳେ ମଣିଷର ଅଭ୍ୟାସ ପାଲଟିଯାଏ, ସେତେବେଳେ ସେ ନିଜର ଦୋଷତ୍ରୁଟି ବାଛିବା କ୍ଷମତା ହରାଇ ବସେ। ନିନ୍ଦା କରିବା କିଛି ବ୍ୟକ୍ତିଙ୍କ ଅଭ୍ୟାସ ବା ପ୍ରକୃତି, ସେଇଥିରେ ସେମାନଙ୍କ ଆନନ୍ଦ। ସହକର୍ମୀ, ପ୍ରତିବେଶୀ, କିମ୍ବା କାର୍ଯ୍ୟାଳୟର ଉଚ୍ଚ ପଦାଧିକାରୀଙ୍କ ବିରୋଧରେ କେହି ଅନ୍ତଃଦୃଷ୍ଟି ବିହୀନ ବ୍ୟକ୍ତି ଏପରି ନିନ୍ଦା ପ୍ରଚାର କରନ୍ତି, ଯାହା ଶୁଣିଲେ ବିସ୍ମିତ ହେବାକୁ ପଡ଼ିଥାଏ। ଏହାଦ୍ୱାରା ସେ ସମ୍ପର୍କ ଯେ ବ୍ୟାହାତ ହୁଏ, ବୃଥା ଅଶାନ୍ତି ଓ ମନୋମାଳିନ୍ୟ ହୁଏ, ଥରେ ହେଲେ ସ୍ଥିର ଚିତ୍ତରେ କେହି ଏହା ଭାବନ୍ତି ନାହିଁ। ଦୋଷତ୍ରୁଟିକୁ ପ୍ରକାଶ୍ୟରେ ନିନ୍ଦା ନ କରି ଯଦି ଗଠନ ମୂଳକ ମତାମତ ଦିଆଯାଏ ତାହା ସବୁ କ୍ଷେତ୍ରରେ ଫଳପ୍ରଦ ହୋଇଥାଏ। ଜଡ଼ବାଦୀ ସଭ୍ୟତାର ପ୍ରସାର ଫଳରେ ମଣିଷ କ୍ରମଶଃ ଅଧିକରୁ ଅଧିକ ଅସହିଷ୍ଣୁ ହୋଇପଡୁଛି । ଅସହିଷ୍ଣୁ ମନୋଭାବ ତାକୁ ଏପରି ଗ୍ରାସ କରିଛି ଯେ ଅନ୍ୟର ପ୍ରଶଂସା ଓ ଖ୍ୟାତି ଶୁଣିଲେ ତା' ର ଗାତ୍ରଦାହ ହେଉଛି ।

(i) କେଉଁମାନେ ଅନ୍ୟର କୁତ୍ସାରଟନା କରିବାକୁ ଭଲପାଆନ୍ତି ?
(ii) ମଣିଷ କେତେବେଳେ ଦୋଷ ତ୍ରୁଟି ବାଛିବା କ୍ଷମତା ହରାଏ ?
(iii) ଅଶାନ୍ତି ଓ ମନୋମାଳିନ୍ୟ ସୃଷ୍ଟି ହେବାର କାରଣ କ'ଣ ?
(iv) କେଉଁ ମତାମତ ପ୍ରତ୍ୟେକ କ୍ଷେତ୍ରରେ ଫଳପ୍ରଦ ହୋଇଥାଏ ?
(v) ଜଡବାଦୀ ସଭ୍ୟତାର ପ୍ରସାର ଫଳରେ ମଣିଷ କ'ଣ ହୋଇପଡିଛି ?

**SECTION - B**

**2. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ।** (6)

(i) ନାରୀ ସଶକ୍ତିକରଣ
(ii) ବିଜ୍ଞାନର ଜୟଯାତ୍ରା
(iii) ନାଗରିକର କର୍ତ୍ତବ୍ୟ

3. 'ଧନ୍ଦାମୂଳକ ଶିକ୍ଷା' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦ ପତ୍ରର ସମ୍ପାଦକଙ୍କ ନିକଟକୁ ପତ୍ର ଲେଖ । (6)

କିମ୍ବା

ତୁମ ଅଞ୍ଚଳର କୌଣସି ଏକ ଦୁର୍ଘଟନାର ବିବରଣୀ ଲେଖ, ତାହାକୁ ପ୍ରକାଶନ ନିମନ୍ତେ ସ୍ଥାନୀୟ ସମ୍ବାଦ ପତ୍ରର ସମ୍ପାଦକଙ୍କ ନିକଟକୁ ପତ୍ର ଲେଖ ।

(ବି. ଦ୍ର. – ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ।)

## SECTION – C

4. **ଲକ୍ଷଣ,ଉଦାହରଣ ଓ ଯତିପାତ ସହଯେ କୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ ।** (4)
   (i) ବିଭାସ କେଦାର
   (ii) ବଙ୍ଗଳାଶ୍ରୀ

5. **ସୂଚନା ଅନୁସାରେ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କର । (ଯେ କୌଣସି 2ଟିର)** (2x1=2)
   (i) ଜୋର୍ ଯାହାର ମୂଳକ ତା'ର । (ସରଳ ବାକ୍ୟ କର)
   (ii) ଯଦିଓ ଘଣ୍ଟା ବାଜିଲା ତେବେ ମଧ୍ୟ ପିଲାମାନେ ଶ୍ରେଣୀକୁ ଆସିଲେ ନାହିଁ । (ଯୌଗିକ ବାକ୍ୟ କର)
   (iii) ଗୌତମ ତପସିଦ୍ଧ ହେଲେ ଏବଂବୁଦ୍ଧତ୍ୱ ପ୍ରାପ୍ତ ହେଲେ । (ଜଟିଳ ବାକ୍ୟ କର)

6. **ନିମ୍ନଲିଖିତ ରୂଢ଼ିକୁ ବ୍ୟବହାର କରି ସାର୍ଥକ ବାକ୍ୟ ଗଠନ କର । (ଯେ କୌଣସି 2ଟିର)** (2x1=2)
   (i) ଭୂତ ଖାଇବା
   (ii) ଜପାମାଳି
   (iii) ମୁହଁ ଦେବା

7. **ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେ କୌଣସି 2ଟିର)** (2x1=2)
   (i) ଉତ୍କର୍ଷତା
   (ii) ସାଣ୍ବାସିକ
   (iii) ବହୁବ୍ରିହୀ

## SECTION – D

8. **ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି 1 ଟିର)** (5)
   (i) ଭାରତର ବୈଶିଷ୍ଟ୍ୟ ତା'ର ଆଧାତ୍ମିକତା ।
   (ii) ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।

9. **ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 3ଟିର)** (3x2=6)
   (i) କେଉଁ ଅପ୍ରାକୃତିକ ପାଚେରୀକୁ ଭାଙ୍ଗିବା ପାଇଁ ଗାନ୍ଧିଜୀ ପ୍ରଥମେ ପ୍ରୟାସ କରିଥିଲେ ?
   (ii) ଶ୍ରୀକୃଷ୍ଣଙ୍କ ବଂଶର ଶେଷ ଅବସ୍ଥା କ'ଣ ହୋଇଥିଲା ?
   (iii) ଆମେ ସଭ୍ୟତା ଆଖ୍ୟା କାହାକୁ ଦେଇଥାଉ ?
   (iv) କେଉଁ ଘଟଣାରେ ବିବେକାନନ୍ଦଙ୍କ ହୃଦୟ ବିଗଳିତ ହେଲା ?
   (v) ଦେଶଭକ୍ତ ବୋଲି କାହାକୁ କୁହାଯାଇ ପାରିବ ନାହିଁ ?

10. **ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ ।** (10x1=10)
    (i) ଲକ୍ଷ୍ମୀକାନ୍ତଙ୍କ ଜନ୍ମ ବେଳକୁ ତାଙ୍କ ପିତାଙ୍କ ବୃତ୍ତି କ'ଣ ଥିଲା ?
    (A) ଓକିଲାତି (B) ଶିକ୍ଷକତା
    (C) କୃଷି (D) ବ୍ୟବସାୟୀ

(ii) ଭାରତୀୟ ଅର୍ଥନୈତିକ ବେଷ୍ଟନୀରେ କାହାକୁ ଥୋଇ ଦିଆଯାଇଛି ?

(A) ପାଶ୍ଚାତ୍ୟ ଜୀବନ ଶୈଳୀ (B) ପାଶ୍ଚାତ୍ୟ ପରମ୍ପରା

(C) ପାଶ୍ଚାତ୍ୟ ଅର୍ଥନୀତି (D) ପାଶ୍ଚାତ୍ୟ ଶିକ୍ଷା ପଦ୍ଧତି

(iii) କେଉଁ ରାଜାଙ୍କ ସମ୍ବର୍ଦ୍ଧନା ଉତ୍ସବରେ ବାଈଜୀ ମୀରା ଭଜନ ଗାଇଥିଲେ ?

(A) ମହୀଶୂର (B) କ୍ଷେତରୀ

(C) କୋଲାପୁର (D) ରାଜୋୟାରା

(iv) ଅନ୍ନଦାଶଙ୍କରଙ୍କର ମାତୃଭାଷା କ'ଣ ଥିଲା ?

(A) ଇଂରାଜୀ (B) ହିନ୍ଦୀ

(C) ବଙ୍ଗଳା (D) ଓଡ଼ିଆ

(v) 'ବିଦ୍ୟୁତ୍' କେଉଁ ବିଜ୍ଞାନର ଅନ୍ତର୍ଗତ ?

(A) ପ୍ରାଣୀବିଜ୍ଞାନ (B) ଉଭିଦ ବିଜ୍ଞାନ

(C) ରସାୟନ ବିଜ୍ଞାନ (D) ପଦାର୍ଥ ବିଜ୍ଞାନ

(vi) କାହାକୁ ମହାଭାରତର କର୍ଣ୍ଣଧାର କୁହାଯାଇଛି ?

(A) ଅର୍ଜୁନ (B) କର୍ଣ୍ଣ

(B) ଶ୍ରୀକୃଷ୍ଣ (D) ଯୁଧିଷ୍ଠିର

(vii) 'ଜନତା ଜନାର୍ଦ୍ଦନ' କାହିଁକି ଅବହେଳିତ ଅବସ୍ଥାରେ ଥିଲେ ?

(A) ଧାର୍ମିକ ଅସହିଷ୍ଣୁତାରେ (B) ରାଜନୈତିକ ଛଳନାରେ

(B) ରାଜନୈତିକ ଅପାରଗତାରେ (D) ଅର୍ଥନୈତିକ ବୈଷମ୍ୟରେ

(viii) ଗ୍ରହ, ତାରା ଓ ଉପଗ୍ରହଙ୍କ ବିଷୟରେ ଅଧ୍ୟୟନ କେଉଁ ବିଜ୍ଞାନର ଅନ୍ତର୍ଗତ ?

(A) ରସାୟନ ବିଜ୍ଞାନ (B) ଉଭିଦ ବିଜ୍ଞାନ

(C) ଜଡ଼ବିଜ୍ଞାନ (D) ପଦାର୍ଥ ବିଜ୍ଞାନ

(ix) 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧଟି କେଉଁ ପୁସ୍ତକରୁ ସଂଗୃହୀତ ହୋଇଛି ?

(A) ବିଚାର ଆଲୋଚନା (B) ମଣିଷର ଭାଷା

(B) ଓଡ଼ିଆ କେବେ (D) ଭାଷାଶାସ୍ତ୍ର ପରିଚୟ

(x) 'ନବଯୁଗ ସାହିତ୍ୟ ସଂସଦ' କିଏ ପ୍ରତିଷ୍ଠା କରିଥିଲେ ?

(A) ଭଗବତୀ ଚରଣ ପାଣିଗ୍ରାହୀ (B) ଅନନ୍ତ ପଟ୍ଟନାୟକ

(C) ମନମୋହନ ମିଶ୍ର (D) ସୁନନ୍ଦ କର

**11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି 1ଟିର)** (5)

(i) ବିଭୁତିକି ଭୁଞ୍ଜୁଥିଲୁ ବିଭୁତିଭୂଷଣେ
ବଡ଼କୁଳେ ଜନମି କି କାରଣେ ଯେ ?

(ii) ଶୁଭ୍ର ସଉରଭ ରସିକେ
ଶୁଭ-ସମ୍ପାଦିନୀ ହୁଅ ରଘୁବଂଶିକେ ।

**12. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 3ଟିର)** (3x2=6)

(i) ଚାରୁହାସମୟୀ ଚାରୁଭାଷମୟୀ କାହାକୁ ଓ କାହିଁକି କୁହାଯାଇଛି ?

(ii) ପାଣ୍ଡବଙ୍କ ହେତୁ ତ୍ରିଲୋଚନ କିଭଳି ବର୍ତ୍ତୀଥିଲେ ?

(iii) ପୋତପାଳ ମଶାଲ ଜାଳିଛି କାହିଁକି ?

(iv) ତିମିରକାରା ଭାଙ୍ଗିଦେବା କଥା କବି କାହିଁକି କହିଛନ୍ତି ?

(v) ମାଟି ଚେରମୂଳ ଗଛଲତା ସାଇତି ରଖିବା ପଛରେ କି ଉଦ୍ଦେଶ୍ୟ ଅଛି ?

**13. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ ।** (10x1=10)

(i) ଉତ୍କଳର ସମୁଦ୍ର କୂଳ କେଉଁ କେଉଁ ବୃକ୍ଷ ଦ୍ୱାରା ସୁଶୋଭିତ ?
(A) ଆମ୍ବ ଓ ପଣସ (B) ଗୁଆ ଓ ନଡ଼ିଆ
(C) ତାଳ ଓ ତମାଳ (D) ଚମ୍ପା ଓ ଚନ୍ଦନ

(ii) କାହାର ପ୍ରତି ପଦପାତରେ ସ୍ୱର୍ଣ୍ଣପଦ୍ମ ଫୁଟୁଥିଲା ବୋଲି ସାରଳା ମହାଭାରତରେ ବର୍ଣ୍ଣିତ ହୋଇଛି ?
(A) ଦୁର୍ଯ୍ୟୋଧନ (B) ଶ୍ରୀକୃଷ୍ଣ
(C) ମହାଲକ୍ଷ୍ମୀ (D) ପାର୍ବତୀ

(iii) ବରୁଣଙ୍କୁ ପ୍ରସନ୍ନ କରିବା ନିମନ୍ତେ ଶ୍ରୀ ରାମଚନ୍ଦ୍ର କେଉଁ ଶଯ୍ୟାରେ ଶୟନ କରିଥିଲେ ?
(A) ବାଲୁକା ଶଯ୍ୟା (B) ପୁଷ୍ପ ଶଯ୍ୟା
(C) ତୃଣ ଶଯ୍ୟା (D) କୁଶ ଶଯ୍ୟା

(iv) ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ' – ଏକଥା କାହାକୁ ଲକ୍ଷ୍ୟକରି କୁହାଯାଇଛି ?
(A) କବିସୂର୍ଯ୍ୟ ବଳଦେବ ରଥ (B) କବିବର ରାଧାନାଥ ରାୟ
(C) ଭକ୍ତକବି ମଧୁସୂଦନ ରାଓ (D) ପ୍ରକୃତିକବି ଗଙ୍ଗାଧର ମେହେର

(v) ସୀତାଙ୍କର ଅନ୍ୟ ନାମ ବୈଦେହୀ ହେବାର କାରଣ କ'ଣ ?
(A) ବିଶେଷ ଦେହଧାରିଣୀ କନ୍ୟା (B) ବିଦେହର କନ୍ୟା
(C) ଦେହହୀନା କନ୍ୟା (D) ବିଦେଶିନୀ କନ୍ୟା

(vi) କବି କ'ଣ ଲୁପ୍ତ ହେବାକୁ କହିଛନ୍ତି ?
(A) ଆଲୋକଧାରା (B) ତନ୍ଦ୍ରା – ପରଶ
(C) ପୀଡ଼ନର ପରବତ (D) ଜାତି ଉପଜାତି

(vii) ମାଟି ମାଆର ଶରୀର କେଉଁଥିରେ ଗଢ଼ା ବୋଲି କବି କହିଛନ୍ତି ?
(A) ରକ୍ତମାଂସରେ (B) କଅଁଳ ପତ୍ରରେ
(C) ନରମ ମାଟିରେ (D) ପାହାଡ଼ ପଥରରେ

(viii) ମୁନି ମୁଖ ନିସୃତ ବେଦ ଧ୍ୱନିକୁ କାହା ସହିତ ତୁଳନା କରାଯାଇଛି ?
(A) ବିହଙ୍ଗ କାକଳୀ (B) କୁମ୍ଭାଟୁଆର ସ୍ତବପାଠ
(C) ସରସ୍ୱତୀଙ୍କ ବୀଣାଝଙ୍କାର (D) ଭ୍ରମର ବୀଣା ବାଦନ

(ix) ଅଜ୍ଞାନ ବ୍ୟକ୍ତି କେଉଁଠାରେ ପଡ଼ି ମୃତ୍ୟୁ ବରଣ କରେ ?
(A) ତରୀ ଗର୍ଭରେ (B) ପାପ ଗର୍ତ୍ତରେ
(C) ଜଳ ମଧ୍ୟରେ (D) ଅଗ୍ନି ଶିଖାରେ

(x) 'ତ୍ରିପୁରାରୀ' କିଏ ?
(A) ବ୍ରହ୍ମା (B) ବିଷ୍ଣୁ
(C) ଶିବ (D) ଇନ୍ଦ୍ର

**14. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 6 ଟିର)** (6x1=6)

(i) କାଠୁରିଆର ଛୁଆମାନେ ପାଠ ନ ପଢ଼ିଲେ କ'ଣ କରିବେ ?
(ii) ଅଚାନକ ଆକ୍ରମଣରେ କଳିଙ୍ଗର କ'ଣ ଧ୍ୱଂସ ହୋଇଛି ?
(iii) କିଏ ଅକୃତଜ୍ଞ ବୋଲି ନଟବର ବାବୁ ଭାବିଛନ୍ତି ?
(iv) ପୂରବୀ କାହାକୁ ଦେବତା ସଦୃଶ ଦେଖୁଥିଲେ ?
(v) 'କୋଣାର୍କ' ଏକାଙ୍କିକା କେଉଁ ପ୍ରସଙ୍ଗରେ ନାଟ୍ୟାୟିତ ?
(vi) ଅଶୋକ କେଉଁ ମନ୍ତ୍ରରେ ଦୀକ୍ଷିତ ହେଲେ ?
(vii) ବରଗଛ କୋରଡ଼ରେ କେଉଁ ଗଛ ଉଠିଥିଲା ?
(viii) "ଚକାଡ଼ୋଳା ହେ, ତୁମରି ଇଚ୍ଛା ପୂର୍ଣ୍ଣ ହେଉ ।" – ଏହା କାହାର ଉକ୍ତି ?

****